## ସଂକ୍ଷେପରେ

### ଭାଲୁ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ ଅଭିଯୋଗ

ଝରିଗାଁ,୨୨ ।୩(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଚଚା ପଞ୍ଚାୟତ ଅଧୀନ ଭେଜିଗୁଡ଼ା ଗ୍ରାମରେ ଭାଲୁ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ଏ ନେଇ ମୃତକଙ୍କ ପରିବାର ଝରିଗାଁ ଥାନରେ ଲିଖିତ ଅଭିଯୋଗ କରିଛନ୍ତି। ମୃତକ ହେଲେ ଭେଜିଗୁନାର ସାଧୁ ଗୌଡ଼। ଭେଜିଗୁଡ଼ା ଗ୍ରାମର ସାଧୁ ଶୁକ୍ରବାର ସକାଳୁ ହାତରେ ଟାଙ୍ଗିଆ ଧରି ଗାଁ ନିକଟ ଜଙ୍ଗଲକୁ କାଠ ଆଣିବାକୁ ଯାଇଥିଲେ। ସେଠାରେ ବହୁ ସମୟ ବିତିଯାଇଥିଲେ ମଧ ସେ ଘରକୁ ଫେରି ନ ଥିଲେ। ଏହାପରେ ଭାଇ କମଳୁ ଏବଂ ଡମ୍ବୁ ତାଙ୍କୁ ଖୋଜିବା ପାଇଁ ଜଙ୍ଗଲକୁ ଯାଇଥିଲେ। ଘର ଠାରୁ ପ୍ରାୟ ୧କିମି ଦୂରରେ ରକ୍ତାକ୍ତ ଅବସ୍ଥାରେ ସାଧୁଙ୍କ ମୃତଦେହ ପଡ଼ିଥିବା ସେମାନେ ଦେଖିଥିଲେ। ମୃତ ସାଧୁଙ୍କ ଦୁଇ ଆଖି, ମୁଣ୍ଡ ଏବଂ ଡାହାଣ ଜଙ୍ଘରେ କ୍ଷତ ହୋଇଥିବା ପରିବାର ଲୋକ ପ୍ରକାଶ କରିଛନ୍ତି। ଏହାପର ସାଧୁଙ୍କ ବଡ଼ଭାଇ ଅର୍ଜୁନ ଝରିଗାଁ ଥାନାରେ ଏ ନେଇ ଅଭିଯୋଗ କରିଛନ୍ତି। ଭାଲୁ କାମୁଡ଼ାରେ ସାଧୁଙ୍କ ମୃତ୍ୟୁ ହୋଇଥିବା ସେ ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି। ଅଭିଯୋଗ ପାଇ ପୋଲିସ ୮/୨୪ରେ ମାମଲା ରୁଜୁ କରିଛି। ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି।

### ବଡ଼ପଡ଼ା ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର, ୨୨ ।୩(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ବ୍ଲକ ଅଧୀନ ବଡ଼ପଡ଼ା ଜଙ୍ଗଲରେ ଶୁକ୍ରବାର ଅବକାରୀ ଚଢ଼ାଉ ହୋଇଛି। ମଦ ମାଫିଆମାନେ ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ମିଳିବା ପରେ ଜୟପୁର ଅବକାରୀ ନୀରିକ୍ଷକ କାୟାଳୟ ପକ୍ଷରୁ ଚଢ଼ାଉ କରାଯାଇଛି। ଚଢ଼ାଉ ସୂଚନା ପାଇ ମଦ ମାଫିଆମାନେ ସେଠାରୁ ଚମ୍ପଟ ମାରିଥିଲେ। ଅବକାରୀ ବିଭାଗ ବହୁ ମଦ ଭାଟି ଭାଙ୍ଗି ଦେଇଛି। ଘଟଣାସ୍ଥଳରୁ ୩ ହଜାର ଲିଟର ପୋଚ ଓ ୫୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରାଯାଇଛି। ମଦରନ୍ଧା ସରଞ୍ଜାମ ଓ ଡ୍ରମ ଆଦିକୁ ଜବତ କରାଯାଇଥିବା ଅବକାରୀ ନିରିକ୍ଷକ ଶଶିକାନ୍ତ ଦତ୍ତ ସୂଚନା ଦେଇଛନ୍ତି।

### ଫେରାର ଅଭିଯୁକ୍ତଙ୍କ ଘରେ ଲାଗିଲା ନୋଟିସ

ଜୟପୁର, ୨୨ ।୩(ପବନ ପାଣିଗ୍ରାହୀ)

ଜଣେ ଫେରାର ଅଭିଯୁକ୍ତଙ୍କ ଘରେ ଲାଗିଲା ନୋଟିସ। ୧ ମାସ ଭିତରେ ଆତ୍ମସମର୍ପଣ କରିବାକୁ ନୋଟିସରେ ଉଲ୍ଲେଖ ରହିଛି। ଜୟପୁର ସଦର ଥାନା ଅଧୀନ ନାଡୁଗୁଡ଼ାର ରାମ ମୁଦୁଲିଙ୍କ ନାମରେ ମାମଲା ରହିଛି। ସେ ବହୁ ଦିନ ହେବ ଫେରାର ଥିବା ବେଳେ କୋର୍ଟରେ ହାଜର ହେଉନାହାନ୍ତି। ତେଣୁ ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ଘରେ ନୋଟିସ ଲଗାଯାଇଛି। ୧ ମାସ ଭିତରେ ସେ କୋର୍ଟରେ ଆତ୍ମସର୍ମପଣ କରିବାରୁ ସେଥିରେ ଉଲ୍ଲେଖ ରହିଛି। ଆତ୍ମସମର୍ପଣ ନ କଲେ ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତ କରାଯିବ ବୋଲି ନୋଟିସ୍‌ରେ ଲେଖାଯାଇଛି।

### ମଦ ଚାଲାଣବେଳେ ଚଢ଼ାଉ

ଜୟପୁର, ୨୨ ।୩(ପବନ ପାଣଗ୍ରାହୀ)

ଦେଶୀ ମଦ ଚାଲାଣବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ଶୁକ୍ରବାର ଚଢ଼ାଉ କରାଯାଇଛି। ଦେଶୀ ମଦ ଚାଲାଣ ହେଉଥିବା ଖବରପାଇ ଜୟପୁର ସଦର ଥାନା ଅଧୀନ ଫାମ୍ପୁଣିରେ ଅବକାରୀ ବିଭାଗ ଚଢ଼ାଉ କରିଥିଲା। ଅବକାରୀ ବିଭାଗକୁ ଦେଖି ବାଇକ ଓ ୩୦ ଲିଟରର ଦେଶୀ ମଦ ଛାଡି ଚାଲାଣକାରି ଚମ୍ପଟ ମାରିଥିଲେ।

# ପାଣି ଆସୁନି କି ବିଦ୍ୟୁତ୍ ନାହିଁ

## ଆରାବକାବାସୀଙ୍କ ରାସ୍ତା ଅବରୋଧ



ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି ।

ଫୁଲବାଣୀ, ୨୨।୩(ରାକେଶ କୁମାର ରାଉତ):

ଚକାପାଦ ବ୍ଲକ ଆରାବାକାଠାରେ ୭ ଦିନ ଧରି ଜଳଯୋଗାଣ ବନ୍ଦ ରହିଥିବା ବେଳେ ବିଦ୍ୟୁତ ସରବରାହ ୫ ଦିନ ହେବ ବନ୍ଦ ରହିଛି। ଏହାର ପ୍ରତିବାଦରେ ଆରାବାକାବାସୀ ଶୁକ୍ରବାର ରାସ୍ତା ଅବରୋଧ କରିଛନ୍ତି। ବ୍ରହ୍ମପୁର-ଫୁଲବାଣୀ ୧୫୭ ଜାତୀୟ ରାଜପଥକୁ ଶତାଧିକ ମହିଳା ଓ ପୁରୁଷ ହାଣ୍ଡି ମାଠିଆ ଧରି ଅବରୋଧ କରି ବସି ରହିବାରୁ ଯାତାୟାତ ବ୍ୟାହତ ହୋଇଥିଲା। ଘଟଣାସ୍ଥଳରେ ଟିକାବାଲି ଥାନା ଅଧିକାରୀ କଲ୍ୟାଣୀମୟୀ ଷେଣ୍ଡ ଓ ଚକାପାଦ ବିଡ଼ିଓ ହୃଦରଞ୍ଜନ ସାହୁ ଓ ଟିକାବାଲି ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ଦେବାଶିଷ ଦେ ପହଞ୍ଚି ବୁଝାସୁଝା କରିବା ସହ ତୁରନ୍ତ କାର୍ଯ୍ୟ ଆରମ୍ଭ ହେବା ପରେ ଲୋକେ ରାସ୍ତା ଅବରୋଧରୁ ହଟିଥିଲେ। ସୂଚନା ଅନୁଯାୟୀ, ବସୁଧା ଯୋଜନାରେ ଗ୍ରାମକୁ ଜଳଯୋଗାଣ ହେଉଥିବା ବେଳେ ଯାନ୍ତ୍ରିକ ତ୍ରୁଟି ଓ ରକ୍ଷଣାବେକ୍ଷଣ ଅଭାବରୁ ଗ୍ରାମରେ ଥିବା ଷ୍ଟାଣ୍ଡପୋଷ୍ଟକୁ ପାଣି ଆସୁନାହିଁ। ଫଳରେ ପାନୀୟ ଜଳ ପାଇଁ ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେହିଭଳି ଏଠାରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ପୋଡ଼ି ଯାଇଥିବାରୁ ଗତ ୪ ଦିନ ହେବ ଲୋକେ ଅନ୍ଧାରରେ ଅଛନ୍ତି। ଆରାବାକା, ବାହାଡାପଦା, ପଦାସାହି ବେହେରା ସାହିର ୩୦୦ରୁ ଉର୍ଦ୍ଧ୍ୱ ପରିବାର ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଏ ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ କୋଣସି ଫଳ ମିଳି ନ ଥିବାରୁ ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇଥିଲେ। ରାସ୍ତାରୋକୋ ପରେ ଜଳଯୋଗାଣ ଓ ବିଦ୍ୟୁତ ବିଭାଗର କର୍ମଚାରୀ ପହଞ୍ଚି କାର୍ଯ୍ୟ ଆରମ୍ଭ କରିଥିବା ଦେଖିବାକୁ ମିଳିଛି। ମୀନକେତନ ପ୍ରଧାନ, ବିଧାୟକ ପ୍ରତିନିଧି ମନୋଜ ପ୍ରଧାନ, ପୂର୍ବତନ ନାଏବ ସରପଞ୍ଚ ପ୍ରତାପ ପ୍ରଧାନ, ଦୀପକ ପ୍ରଧାନ, ଗଣେଶ ପ୍ରଧାନ, ସୀତା ପ୍ରଧାନ, ସଙ୍ଗୀତା ପ୍ରଧାନ, ମାମା ପ୍ରଧାନ ରାସ୍ତାରୋକୋର ନେତୃତ୍ୱ ନେଇଥିଲେ।

# ଭୂତଳ ଜଳ ସଂରକ୍ଷଣ ପାଇଁ ଶପଥ




ଦାରିଙ୍ଗବାଡି, ୨୨।୩ (ଅରୁଣ ସାହୁ):

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଜାଗୃତି ସଭା ଗୃହ ପରିସରରେ ବିଶ୍ୱ ଜଳ ଦିବସ ପାଳନ କରାଯାଇଛି। ଅନ୍ତରଙ୍ଗ ଯୁବ ମହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ସଭା ପରିଚାଳନା କରିଥିବା ବେଳେ ସଭାପତି ଦିଲ୍ଲୀପ କୁମାର ସାହୁ ଅତିଥି ପରିଚୟ ଓ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶାଖା ଭଞ୍ଜ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ବିଜୟ ପଟ୍ଟନାୟକ, ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟ ଯୋଗଦେଇ 'ଜଳ ସଂରକ୍ଷଣ ଓ ଭୂତଳ ଜଳସ୍ତରର ପୁନରୁଦ୍ଧାର ଏବଂ ଶାନ୍ତି ପାଇଁ ଜଳ' ଶୀର୍ଷକ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଅଞ୍ଚଳର ମହିଳା ଓ ବ୍ଲକସ୍ତରୀୟ ଅନ୍ତରଙ୍ଗ ଯୁବ ମହାସଂଘର ସଦସ୍ୟମାନେ ଉପସ୍ଥିତ ରହି ଜଳ ସଂରକ୍ଷଣ କରିବା ପାଇଁ ଶପଥ ପାଠ କରି ଆଗାମୀ ଦିନରେ ଲୋକମାନଙ୍କୁ ଭୂତଳ ଜଳ ସଂରକ୍ଷଣ ଉପରେ ସଚେତନତା କରିବାକୁ ଶପଥ ଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମକୁ ୟୁଥ ଫର୍ ୱାଟର ପ୍ଲସ, ଜାଗୃତି, ଆକ୍ସନଏଡ୍ ଓ ଗ୍ରାମ ବିକାଶ ସହଯୋଗରେ ଅନ୍ତରଙ୍ଗ ଯୁବ ମହାସଂଘର ବ୍ଲକସ୍ତରୀୟ ସଭାପତି ଅକ୍ଷୟ କୁମାର ପରିଚ୍ଛା କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

# ଗଛ ପଡ଼ି ୨ ପରିବାରର ୯ ଆହତ



ଦାରିଙ୍ଗବାଡି, ୨୨।୩ (ଅରୁଣ ସାହୁ):

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଥାନା ତାଜୁଙ୍ଗିଆ ପଞ୍ଚାୟତ ଅଞ୍ଚଳରେ ଏକ ବଡ଼ ଅଘଟଣ ଘଟିଛି। ରାତିରେ ଶୋଇଥିବା ଅବସ୍ଥାରେ ଘର ନିକଟରେ ରହିଥିବା ବିଶାଳକାୟ ଆମ୍ବ ଗଛ ପଡ଼ି ୨ଟି ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ସହ ୨ଟି ପରିବାରର ୯ ଜଣ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଆହତଙ୍କ ମଧ୍ୟରେ ମନୁ ବଳିୟାରସିଂଙ୍କ ପରିବାରର ଶାନ୍ତି ବଳିୟାର ସିଂଙ୍କ ସମେତ ଚୁନି ନାୟକ, ଶୁଭ ନାୟକ, ମନୀଷା ବଳିୟାର ସିଂ, ସୁନେଲି ବଳିୟାର ସିଂ, ଜୀବନ୍ତ ବଳିୟାର ସିଂ ଏବଂ ତିନିଜଣ ଶିଶୁ ତଥା ଅର୍ଚ୍ଚିତା ବଳିୟାରସିଂ, ଶିବ ନାୟକ ଓ ନିଶା ନାୟକ ଆହତ ହୋଇଛନ୍ତି।

# ୪୦ ହଜାର ଯୁକ୍ତ୨ ଖାତା ମୂଲ୍ୟାୟନ ହେବ

## ପ୍ରଥମ ଥର ପାଇଁ କେଏସ୍‌ୟୁବିରେ ଅନ୍‌ଲାଇନ କେନ୍ଦ୍ର

ଭଞ୍ଜନଗର,୨୨ ।୩(ବାବୁଲା ପ୍ରଧାନ):

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଶୁକ୍ରବାର ଠାରୁ ଯୁକ୍ତ୨ କଳା, ବାଣିଜ୍ୟ ଓ ବିଜ୍ଞାନ ଖାତା ଦେଖା ଆରମ୍ଭ ହୋଇଛି। ପୂର୍ବରୁ ଏହି ମହାବିଦ୍ୟାଳୟରେ ଅଫ୍‌ଲାଇନରେ ଯୁକ୍ତ୨ ଖାତା ମୂଲ୍ୟାୟନ ହେଉଥିଲା। କିନ୍ତୁ ଚଳିତ ବର୍ଷ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସଙ୍କ ବ୍ୟକ୍ତିଗତ ପ୍ରଚେଷ୍ଟାରେ ପ୍ରଥମ ଥର ପାଇଁ କଲେଜରେ ଅନ୍‌ଲାଇନ ମୂଲ୍ୟାୟନ କେନ୍ଦ୍ର ଶୁକ୍ରବାର ଖୋଲିଛି। ଅନ୍‌ଲାଇନ ମାଧ୍ୟମରେ ଆଜିଠାରୁ ବାଣିଜ୍ୟ, ପଦାର୍ଥ ବିଜ୍ଞାନ, ଇଂରାଜୀ, ସାହିତ୍ୟ ପ୍ରମୁଖ ଖାତା ମୂଲ୍ୟାଙ୍କନ ହେଉଛି। ଅଫ୍‌ଲାଇନରେ ପ୍ରଥମ ପର୍ଯ୍ୟାୟରେ ଆଜିଠାରୁ ଇତିହାସ, ରାଜନିତୀ ବିଜ୍ଞାନ, ଓଡ଼ିଆ ପ୍ରମୁଖ ବିଷୟର ମୂଲ୍ୟାଙ୍କନ ହେଉଛି। ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଜି ଯୁକ୍ତ୨ ଅନ୍‌ଲାଇନ ମୂଲ୍ୟାୟନ କେନ୍ଦ୍ରକୁ



ଅନ୍‌ଲାଇନ ମୂଲ୍ୟାୟନ କେନ୍ଦ୍ରକୁ ଅଧ୍ୟକ୍ଷ ଉଦ୍‌ଘାଟନ କରୁଛନ୍ତି ।

ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରଶାସନିକ ଅଧିକାରିଣୀ ପ୍ରାଧ୍ୟାପିକା ଆରତିବାଳା ପ୍ରଧାନ, ପ୍ରାଧ୍ୟାପକ ବିଭାସ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାୟ ୪୦ ହଜାରରୁ ଉର୍ଦ୍ଧ୍ୱ ଖାତା ଅନ୍‌ଲାଇନ ଏବଂ ଅଫ୍‌ଲାଇନରେ ମୂଲ୍ୟାୟନ ହେବ। ଅଫ୍‌ଲାଇନରେ ଡ଼େପୁଟି ସୁପରିଟେଣ୍ଡେଣ୍ଟ ପ୍ରାଧ୍ୟାପକ ବିଭାସ ଦାସ ଓ ଅଧ୍ୟାପକ ରଜନୀକାନ୍ତ ତ୍ରିପାଠୀ ଅଛନ୍ତି । ତାଙ୍କୁ କର୍ମଚାରୀ ପ୍ରଦୀପ ଖଣ୍ଡୁଆଳ, ପ୍ରଦୀପ ତ୍ରିପାଠୀ,ପି.ରମେଶ, ବିନାୟକ ପ୍ରଧାନ, ସୁଧିର ବିଷୋୟୀ ସହଯୋଗ କରୁଛନ୍ତି। ସେହିଭଳି ଅନ୍‌ଲାଇନ ମୂଲାଙ୍କନ କେନ୍ଦ୍ରର ଡ଼େପୁଟି ସୁପରିଟେଣ୍ଡେଣ୍ଟ ଭାବେ ଅଧ୍ୟାପକ ସୁନିଲ ଦାସ, ହରିଶ ଭଙ୍ଗର ଅଛନ୍ତି। ତାଙ୍କୁ ମୁଖ୍ୟ କିରାଣୀ ଦାମୋଦର ରଥ, ବିନାୟକ ପ୍ରଧାନ, ସଚିତ୍ ଜେନା, ପ୍ରଶାନ୍ତ ଚୌଧୁରୀ ସହଯୋଗ କରୁଛନ୍ତି। ଅଧ୍ୟକ୍ଷ ମୂଲ୍ୟାୟନ କେନ୍ଦ୍ରର ସୁପରିଟେଣ୍ଡେଣ୍ଟ ଅଛନ୍ତି। ପ୍ରଥମ ଦିବସରେ ୬୦ରୁ ଉର୍ଦ୍ଧ୍ୱ ଅଧ୍ୟାପିକା ଅଧ୍ୟାପକ ଖାତା ଦେଖିଛନ୍ତି।

### ବିଦ୍ୟୁତ୍ ବିଲ୍ ସଂଶୋଧନ ପାଇଁ ଦାବି

ଖଜୁରିପଡ଼ା,୨୨।୩(ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ସିଦୀଙ୍ଗୀ ଗ୍ରାମର ଅମର କୁମାର ଦେହୁରୀଙ୍କର ତ୍ରୁଟିପୂର୍ଣ୍ଣ ବିଦ୍ୟୁତ୍ ବିଲ ଆସିଛି। ତାହାର ସଂଶୋଧନ ପାଇଁ ସେ ୩ ମାସ ହେଲା ଖଜୁରିପଡ଼ା ବିଦ୍ୟୁତ୍ କାର୍ଯ୍ୟାଳୟ ଏବଂ ଫୁଲବାଣୀ ବିଦ୍ୟୁତ ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। ତେବେ ବର୍ତ୍ତମାନ ସୁଦ୍ଧା ସମସ୍ୟାର ସମାଧାନ ହୋଇନି। ବିଲ ତ୍ରୁଟି ଥିବା ନେଇ ଯନ୍ତ୍ରୀ ବିଚିତ୍ରା ବିଷୋୟୀଙ୍କୁ ଅମର ଦେଖା କରିବାରୁ ସେ ମିଟର ଯାଞ୍ଚ କରିବା ପାଇଁ କହିଥିଲେ। ମିଟର ଯାଞ୍ଚ କରିବାରୁ ସେଥିରେ ତ୍ରୁଟି ଥିବା ଜଣାପଡିଥିଲେ ବି ମିଟର ବଦଳା ଗଲାନାହିଁ। ଯାହାଫଳରେ ଚଳିତ ମାସରେ ମଧ ତ୍ରୁଟି ପୂର୍ଣ୍ଣ ବିଲ ଆସିଛି । ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସେ ଅନୁରୋଧ କରିଛନ୍ତି।

### ପାର୍ଟ ଟାଇମ ଶିକ୍ଷକଙ୍କ ପାରିଶ୍ରମିକ ବୃଦ୍ଧି ଦାବି

ଫୁଲବାଣୀ, ୨୨।୩(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା କସ୍ତୁରବା ଗାନ୍ଧି ବାଳିକା ବିଦ୍ୟାଳୟରେ ପାର୍ଟ ଟାଇମ ଶିକ୍ଷକମାନେ କାର୍ଯ୍ୟରତ ଅଛନ୍ତି । ନିକଟରେ ସରକାର ଶିକ୍ଷକମାନଙ୍କର ଦାବି ପୂରଣ କରିଥିଲେ ହେଁ ପାର୍ଟଟାଇମ ଶିକ୍ଷକଙ୍କ ପ୍ରତି ଦୃଷ୍ଟି ଦେଇ ନାହାନ୍ତି । କସ୍ତୁରବା ଗାନ୍ଧି ବାଳିକା ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଓ ଜଗୁଆଳୀମାନେ ୭୫୦୦ ଟଙ୍କା ପାଉଥିବା ବେଳେ ବିଏ ବିଇଡି, ବିଏସ୍‌ସି ବିଇଡି ଡିଗ୍ରୀଧାରୀ ଶିକ୍ଷକ ସେହି ୭୫୦୦ ଟଙ୍କା ପାଇବା ଅତ୍ୟନ୍ତ ବିଡ଼ମ୍ବନାର ବିଷୟ। ତେଣୁ ଆମ୍ଭମାନଙ୍କ ଦରମା ସରକାର ତୁରନ୍ତ ବୃଦ୍ଧି କରନ୍ତୁ ବୋଲି ଶିକ୍ଷକ ଦମୟନ୍ତି ପ୍ରଧାନ, ସୁପ୍ରିୟା ବିଶୋଇ, ରାଜଶ୍ରୀ ଭୁକ୍ତା, ରଶ୍ମିତା ପ୍ରଧାନ, ଡଲିରାଣୀ ମିଶ୍ର, ବିଳାସିନୀ ପ୍ରଧାନ, ସୁରମା ଦାସ, ରଶ୍ମିବାଳା ସାହୁ, ମନୋରମା ଦଳବେହେରା, ଲତାମରୀ ବିଶୋଇ ପ୍ରମୁଖ ପ୍ରକାଶ କରିଛନ୍ତି।

# ବିଶ୍ୱ ଜଳ ଦିବସ ପାଳିତ

ମୋହନା,୨୨।୩(ମନ୍ମଥ ମିଶ୍ର):

ଗଜପତି ଜିଲା ମୋହନା ପ୍ରେସ୍ କ୍ଲବ ପକ୍ଷରୁ ଶୁକ୍ରବାର ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ସଂଘ ସମ୍ପାଦକ ସୁମନ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୋହନା ଅଗ୍ନିଶମ ବିଭାଗ ଅଧିକାରୀ ପ୍ରମୋଦ ଚନ୍ଦ୍ର ଭୂୟାଁ ଯୋଗଦେଇ ଜଳର ସଂରକ୍ଷଣ ଏବଂ ଏହାର ବ୍ୟବହାର ସମ୍ପର୍କରେ ବିସ୍ତୃତ ଭାବେ ଅଭିଭାଷଣ ରଖିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ଜଳର ଅପଚୟ ନକରି ଜଳ ସଂରକ୍ଷଣ କରିବା ସହ ତାର ସଦ୍ ବିନିଯୋଗ କରିବା ନିମନ୍ତେ ନିଜ ନିଜ ଅଭିଭାଷଣରେ ଅତିଥିମାନେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରେସ୍ କ୍ଲବ ସଭାପତି ପଞ୍ଚାନନ ଦାସ, ଉପଦେଷ୍ଟା ଲକ୍ଷ୍ମଣ ଚୌଧୁରୀ ମଞ୍ଚାସୀନ ଥିବାବେଳେ ସହ ସମ୍ପାଦକ ଅଂଶୁମାନ ପଣ୍ଡାଙ୍କ ସମେତ ବରିଷ୍ଠ ସଦସ୍ୟ ଗଣେଶ ବିଷୋୟୀ, ବାଦଲ କୁମାର ବେହେରା, ବାବୁଲା ସେଠୀ, ମନ୍ମଥ ମିଶ୍ର, ମୋଜେସ ରଇତ, ମୁକ୍ତି ମଣ୍ଡପ ଦଣ୍ଡସେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗ୍ରାମ ରୋଜଗାର ସେବକଙ୍କ ପଦୋନ୍ନତି



ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଅଧିକାରୀ ।

## ପ୍ରଶାସନ ପକ୍ଷରୁ ନୂତନ ସେବକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଦାରିଙ୍ଗବାଡି, ୨୨।୩ (ଅରୁଣ ସାହୁ):

ଦାରିଙ୍ଗବାଡି ବ୍ଲକ ଅଧୀନରେ କାର୍ଯ୍ୟରତ ଗ୍ରାମରୋଜଗାର ସେବକଙ୍କ ମଧ୍ୟରୁ ୧୯ ଜଣଙ୍କ ପଦୋନ୍ନତି ପାଇ ଏଠାରୁ ଅନ୍ୟତ୍ର ବଦଳି ହୋଇଯାଇଛି। ଏବେ ଆକାଉଣ୍ଟାଣ୍ଟ କମ୍ ଡାଟା ଏଣ୍ଟ୍ରି ଭାବେ ପଦନ୍ନୋତି ପାଇଛନ୍ତି। ଏହି ପଦବୀଟି ଜିଲାସ୍ତରୀୟ ହୋଇଥିବାରୁ ପଦନ୍ନୋତି ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ନିଯୁକ୍ତି ଦେଇଛନ୍ତି। ସେମାନଙ୍କୁ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ବିଡ଼ିଓ ଗଦାଧର ପାତ୍ରଙ୍କ ସମେତ ସହକାରୀ ନିର୍ବାହୀ ଯନ୍ତ୍ରୀ ଶିଶିର ପାତ୍ର, ଯୋଗାଣ ନିରୀକ୍ଷକ ନିହାର ରଞ୍ଜନ ବେହେରା, ଏପିଓ କେଦାର ଚନ୍ଦ୍ର ପଣ୍ଡା, ବ୍ଲକ ସମ୍ପ୍ରସାରଣ ଅଧିକାରୀ ବିଶ୍ୱଜିତ ଜାଲି, ବ୍ଲକ ପଞ୍ଚାୟତ ଅଧିକାରୀଙ୍କ ସମେତ ବିଭିନ୍ନ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ସେମାନଙ୍କ ସ୍ଥାନରେ ନୂତନ ଗ୍ରାମ ରୋଜଗାର ସେବକଙ୍କ ନିଯୁକ୍ତି ପରେ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପଦନ୍ନୋତି ପାଇଥିବା ଗ୍ରାମରୋଜଗାର ସେବକଙ୍କ ମଧ୍ୟରୁ ୧୯ ଜଣଙ୍କ ମଧ୍ୟରେ ପ୍ରିୟଙ୍କା ସାହୁଙ୍କ ସମେତ କେଦାରନାଥ ସାହୁ, ଶଙ୍କର ପ୍ରଧାନ, ବିଭୁନନ୍ଦନ ମୁଠାମଝି, ମୃତ୍ୟୁଞ୍ଜୟ ବଡ଼ସେଠ, ବିଜୟ କୁମାର ସାହୁ, ଉଷାକିରଣ ସାହୁ, ନରେନ୍ଦ୍ର ପରାସେଠ, ତ୍ରିଲୋଚନ ପରିଚ୍ଛା, ରସାନନ୍ଦ ରଣସିଂ, ରାଜେଶ୍ୱରୀ ବିଶୋଇ, ନୀଳାମ୍ବର ମୁଠାମାଝି, ନୀଳକଣ୍ଠ ମଲିକ, ମଧୁସ୍ମିତା ପ୍ରଧାନ, ମଦନ ମୋହନ ପ୍ରଧାନ, ଯୋଗେନ୍ଦ୍ର ସୁନ୍ଦର, ଜୟନ୍ତ କୁମାର ପ୍ରଧାନ, ଆଶିଷ କୁମାର ମାଝୀ ଏବଂ ଆଶିଷ କୁମାର ନାୟକ ଉପସ୍ଥିତ ଥିଲେ।

### କେଜ୍ରିଓ୍ୱାଲଙ୍କୁ ଗିରଫ ପ୍ରତିବାଦରେ ବିରୋଧ

ଫୁଲବାଣୀ,୨୨।୩(ରାକେଶ କୁମାର ରାଉତ):

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆପ ନେତା ଅରବିନ୍ଦ କେଜ୍ରିଓ୍ୱାଲଙ୍କୁ ଇଡି ଗିରଫ କରିବା ପ୍ରତିବାଦରେ ଆମ ଆଦମୀ ପାର୍ଟିର କନ୍ଧମାଳ ଜିଲା ସଙ୍ଗଠନ ପକ୍ଷରୁ ଶୁକ୍ରବାର ବିରୋଧ ପ୍ରଦର୍ଶନ କରାଯାଇଛି। ଦଳୀୟ ନେତା ଓ କର୍ମୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କେନ୍ଦ୍ର ସରକାର ଇଡି, ସିବିଆଇ ବ୍ୟବହାର କରି ଅଗଣତାନ୍ତ୍ରିକ ଉପାୟରେ ବିରୋଧୀ ଦଳ ନେତାମାନଙ୍କୁ ଗିରଫ କରୁଛନ୍ତି ବୋଲି ଆପ ନେତାମାନେ କହିଥିଲେ। ଏହିବିକ୍ଷୋଭ ପ୍ରଦର୍ଶନରେ ଜିଲା ସାଧାରଣ ସମ୍ପାଦକ ଗିରିଶ ପଟ୍ଟନାୟକ, ଫୁଲବାଣୀ ନଗର ସଭାପତି ସୁନୀଲ କୁମାର ମୁନି, ଏସସି ସେଲ ଅଧ୍ୟକ୍ଷ ତ୍ରିନାଥ ମାଝୀଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ।

# ମନ ମୋହିଲେ ଶିଶୁ କଳାକାର



ପାରଳାଖେମୁଣ୍ଡି, ୨୨।୩ (ଗିରିଧାରୀ ପରିଚ୍ଛା):

ଗୁରୁବାରଠାରୁ ଆରମ୍ଭ ହୋଇଥିବା ଦୋଳ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ନବଜୀବନ ଟ୍ରଷ୍ଟ, ବିକାଶ ବିଦ୍ୟା ନିକେତନ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଡ୍ରିମ ଡ୍ୟାନ୍ସ ଗ୍ରୁପ ତରଫରୁ ବିଭିନ୍ନ ନୃତ୍ୟ ଗୀତ ପରିବେଷଣ କରାଯାଇଥିଲା। ପୂଜାର୍ଚ୍ଚନା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲୁ ରହିଥିଲା। ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଦେବୀ ମଠର ସାଧୁ ମହନ୍ତ ରାମାନନ୍ଦ ଦାସ ଉଦଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ବିନୋଦ ଚନ୍ଦ୍ର ଜେନା, ଶିକ୍ଷାବିତ ବିଚିତ୍ରାନନ୍ଦ ବେବର୍ତ୍ତା, ଅରକ୍ଷିତ ଜେନା, ସୁଭ୍ରାଂଶୁ ଶେଖର ପଟ୍ଟନାୟକ, ଦୋଳଉତ୍ସବ କମିଟିର ସମସ୍ତ ଆୟୋଜକ ଯୋଗଦାନ କରିଥିଲେ।

# ୩ ଦଳ ପାଇଁ ଦକ୍ଷ ପ୍ରାର୍ଥୀ ଖୋଜା ଚାଲେଞ୍ଜ

ବାଲିଗୁଡା,୨୨।୩(ସଞ୍ଜୟ କୁମାର ପାଣିଗ୍ରାହୀ)

ସାଧାରଣ ନିର୍ବାଚନ ପାଇଁ ଟିକେଟ୍ କସରତ ଆରମ୍ଭ ହୋଇଯାଇଛି। କନ୍ଧମାଳରେ ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ ମେ ୨୦ ତାରିଖରେ ମତଦାନ ହେବ। ଭୋଟ ଆଉ ୨ ମାସରୁ କମ ଦିନ ଥିବାରୁ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ଦକ୍ଷ ପ୍ରାର୍ଥୀ ବାଛିବାରେ ଲାଗି ପଡ଼ିଛନ୍ତି। ସର୍ଭେ ରିପୋର୍ଟ ଆଧାରରେ ଅଙ୍କ କଷୁଛନ୍ତି ଶୀର୍ଷ ନେତୃତ୍ୱ। ମହିଳା, ଯୁବ ଓ ବରିଷ୍ଠଙ୍କୁ ଟିକେଟ ଦେବା ନେଇ ବିଚାର ବିମର୍ଷ ଚାଲିଛି। ବିଜେଡି ନିର୍ବାଚନ ପାଇଁ ସାଙ୍ଗଠନିକସ୍ତରରେ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା କହୁଥିବା ବେଳେ ମଇଦାନରେ ମାଳ ମାଳ ଆଶାୟୀ ଟିକେଟ ବଣ୍ଟନ ଅଙ୍କକୁ ଆହୁରି ଜଟିଳ କରୁଛନ୍ତି। ବିଦ୍ରୋହୀଙ୍କୁ କିପରି ବୁଝାଯିବ ଏବଂ ଷଷ୍ଠ ପାଳିରେ ରେକର୍ଡ ସଂଖ୍ୟକ ସିଟ୍ ହାତେଇବ ତା ଉପରେ ଗୁରୁତ୍ୱ ଦେଉଛି ଶାସକ ଦଳ। ସେପଟେ ଭାଜପା ମଧ ଯେଉଁସବୁ ଅଞ୍ଚଳରେ ଗତ ନିର୍ବାଚନରେ କଡ଼ା ମୁକାବିଲା ଦେଇଥିଲା ସେଠାରୁ ବିଜୟ ପାଇଁ ରଣନୀତି ପ୍ରସ୍ତୁତ କରୁଛି। ସଂଗଠନ ଓ ବିଜୟ ଦକ୍ଷତା ଥିବା ପ୍ରାର୍ଥୀଙ୍କ ନାମକୁ ନିର୍ବାଚନ କମିଟି ସୁପାରିଶ କରିଛି। ଉଭୟ ବିଜେଡି ଓ ଭାଜପା ବାଲିଗୁଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଓ କନ୍ଧମାଳ ସଂସଦୀୟ କ୍ଷେତ୍ର ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଅନ୍ୟପଟେ ସ୍କ୍ରିନିଂ କମିଟି ବୈଠକ ହୋଇ ପ୍ରାର୍ଥୀ ଚୁଡାନ୍ତ କରିଥିଲେ ବି କଂଗ୍ରେସ ଏଯାଏ ଓଡ଼ିଶା ପ୍ରାର୍ଥୀଙ୍କ ନାଁ ଘୋଷଣା କରିନି। ଯେହେତୁ ଦଳର ସଂଗଠନ ଦୁର୍ବଳ ରହିଛି ସେଥିପାଇଁ ବିଜେଡି ଓ ଭାଜପା ବିଦ୍ରୋହୀଙ୍କୁ ନେଇ ନିର୍ବାଚନ ବୈତରଣୀ ପାର୍ ହେବା ପାଇଁ ପ୍ରସ୍ତୁତି ଚଳାଇଛି ହାତ ଦଳ। ରଣକ୍ଷେତ୍ରକୁ ଓହ୍ଲାଇବା ପୂର୍ବରୁ ଯୋଦ୍ଧା ଚୟନ ଉପରେ ଏବେ ସବୁ ଦଳର ଫୋକସ୍। ରାଜନୈତିକ ସମୀକ୍ଷକଙ୍କ ମତ ହେଲା ଅନ୍ୟ ଦଳ ଅପେକ୍ଷା ଆଶାୟୀଙ୍କ ସଂଖ୍ୟା ଅଧିକ ଥିବାରୁ ବିଜେଡି ପାଇଁ ବେଶି ଅଡୁଆ କରୁଛି ଟିକେଟ୍ ଟେନସନ୍। ହାତରେ ସମୟ କମ୍ ଥିବାରୁ ଦଳୀୟ କନ୍ଦଳକୁ ଦୂର କରି ଟିକେଟ ତାଲିକା ଚୂଡାନ୍ତ କରିବାକୁ ୩ ପ୍ରମୁଖ ଦଳ ଗୁଡକ ପ୍ରସ୍ତୁତି କରୁଛନ୍ତି।

# ବ୍ରହ୍ମପୁର ବିଧାନସଭା ଆସନ: ସବୁ ଦଳରେ ଆଶାୟୀ ଅନେକ

ବ୍ରହ୍ମପୁର,୨୨।୩(ଅଶୋକ କୁମାର ସାହୁ):

ନିର୍ବାଚନ ତାରିଖ ଘୋଷଣା ହୋଇଛି। ଏଣେ ବିଜେଡି-ଭାଜପା ମେଣ୍ଟ ହେବ ବୋଲି ଚର୍ଚ୍ଚା ପରେ ଦୁଇ ଦଳରେ ନୀରବତା ଦେଖାଯାଇଥିଲା। ତେବେ ହେବନି ବୋଲି ସ୍ପଷ୍ଟ ହେବା ପରେ ବ୍ରହ୍ମପୁର ବିଧାନସଭା ଆସନ ପାଇଁ ସବୁ ଦଳରେ ଆଶାୟୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି ।

ବିଜେଡିର ସଭ୍ୟ ତଥା ସମାଜିକକର୍ମୀ ଉମାକାନ୍ତ ମିଶ୍ର ନିଜ ସମର୍ଥକଙ୍କୁ ନେଇ ଶୁକ୍ରବାର ଆଙ୍କୁଲି କୁମ୍ଭାରପଲ୍ଲୀସ୍ଥିତ ବାସଭବନରେ ସାଙ୍ଗଠନିକ ବୈଠକ କରିଛନ୍ତି। ଆଗାମୀ ନିର୍ବାଚନରେ ବିଜେଡିକୁ ଜିତାଇବାକୁ ତାଙ୍କର ଉଦ୍ୟମ ରହିବ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଲୋକାଭିମୁଖୀ କାର୍ଯ୍ୟ କରୁଛନ୍ତି । ଆଗକୁ ମଧ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ସେ କହିଛନ୍ତି। ଦଳୀୟ ନିର୍ଦ୍ଦେଶକୁ ସେ ଅନୁପାଳନ କରିବେ ଏବଂ ବିଜେଡି ସୁଯୋଗ ଦେଲେ ବ୍ରହ୍ମପୁରର ବିକାଶଧାରାକୁ ଆଗକୁ ନେବେ ବୋଲି କହିବା ପରେ ସେ ବିଜେଡିରୁ ବ୍ରହ୍ମପୁର ବିଧାନସଭା ପାଇଁ ଆଶାୟୀ ଥିବା ସ୍ପଷ୍ଟ ହୋଇଛି। ଉମାକାନ୍ତଙ୍କ ପରେ ବି ଅନେକ ଆଶାୟୀ ବ୍ରହ୍ମପୁରରୁ ରହିଛନ୍ତି। ସେମାନେ ନିଜ ନାମ ପ୍ରକାଶ କରୁ ନ ଥିବା ବେଳେ ବିଜେଡି, ଭାଜପା ଓ କଂଗ୍ରେସରୁ ଟିକେଟ ପାଇଁ ଆବେଦନ କରିଛନ୍ତି । ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କୁ ବିଜେଡି ଗୋପାଳପୁର ନିର୍ବାଚନ ମଣ୍ଡଳି ଦାୟିତ୍ୱ ଦେବା ପରେ ଏଠାରେ କିଏ ପ୍ରାର୍ଥୀ ହେବ ସେଥିନେଇ ରାଜନୈତିକ ମହଲରେ ଆଲୋଚନା ଜୋର ହେଉଛି। କିନ୍ତୁ କେହି ବି ଏଥିନେଇ ମୁହଁ ଖୋଲୁନାହାନ୍ତି। ସେପଟେ ୧୦ରୁ ଅଧିକ ଆଶାୟୀ ବିଜେଡି ଟିକେଟ ପାଇଁ ଭିତିରିଆ ଲବି ଆରମ୍ଭ କରିଥିବା ଆଲୋଚନା ହେଉଛି। ସେପଟେ ଭାଜପାରୁ ମଧ ୪ଜଣ ଓ କଂଗ୍ରେସରୁ ୩ଜଣ ଆଶାୟୀ ଥିବା କୁହାଯାଉଛି। ଏଭଳି ସ୍ଥିତିରେ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀରେ ଗଞ୍ଜାମ(ପୂର୍ବ) ସଭାପତି ଦୀପକ କୁମାର ପଟ୍ଟନାୟକ କଂଗ୍ରେସର ମଙ୍ଗ ଧରିଥିବାବେଳେ ବିଜେଡିର ମଙ୍ଗ ଧରିଛନ୍ତି ବିଧାୟକ ବିକ୍ରମ କୁମାର ପଣ୍ଡା। ସେହିପରି ଭାଜପାର ମଙ୍ଗ ଧରିଛନ୍ତି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁଚରଣ ପତି। ତେବେ କେଉଁ ଦଳରୁ କାହାକୁ ଟିକେଟ ମିଳିବ ତାକୁ ନେଇ ରାଜନୈତିକ ବାତାବରଣ ଉଷ୍ମ ହେଉଛି।

# ରାସ୍ତାକଡ଼ରେ ଆୟୁର୍ବେଦିକ ପସରା

ବ୍ରହ୍ମପୁର,୨୨।୩(ଅଶୋକ କୁମାର ସାହୁ):

ଜଳବାୟୁ ପରିବର୍ତ୍ତନ ଓ କେମିକାଲଯୁକ୍ତ ଖାଦ୍ୟପେୟ ଯୋଗୁ ଲୋକେ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ତେଣୁ ନିଜକୁ ସତେଜ ରଖିବା ପାଇଁ ଲୋକେ ମର୍ନିଂୱାକ, ଯୋଗ, ପ୍ରାଣାୟାମ ଓ ବ୍ୟାୟାମ ଆଦି କରୁଛନ୍ତି। ଅନ୍ୟପଟେ ବିଭିନ୍ନ ରୋଗକୁ ନିୟନ୍ତ୍ରଣ କରିପାରୁଥିବା ଆୟୁର୍ବେଦିକ ରସ ଓ ପୁଷ୍ଟିକର ଖାଦ୍ୟ ରାସ୍ତାକଡ଼ଗୁଡ଼ିକରେ ଠେଲା ଗାଡିରେ ବିକ୍ରି ଚାଲିଛି। ବ୍ରହ୍ମପୁର ସହରରେ ସକାଳେ ଓ ଅପରାହ୍ନରୁ ସନ୍ଧ୍ୟା ଯାଏ ଏସବୁ ସ୍ଥାନଗୁଡ଼ିକରେ ଭିଡ଼ ଜମୁଛି।

ସକାଳୁ ଲୋକେ ବ୍ୟାୟାମ କଲାପରେ ନିଜକୁ ସତେଜ ରଖିବା ପାଇଁ ଫାଷ୍ଟଫୁଡ ଅପେକ୍ଷା ବିଭିନ୍ନ ପ୍ରକାର ଆୟୁର୍ବେଦିକ ରସ ପାନ କରୁଥିବା ଦେଖିବାକୁ ମିଳୁଛି। ଠେଲାଗାଡିରେ ଆୟୁର୍ବେଦିକ ରସ ଓ ପୁଷ୍ଟିକର ଖାଦ୍ୟ ବିକ୍ରି ପାଇଁ ଆଣି କେତେଜଣ ଲାଭବାନ ମଧ୍ୟ ହେଉଛନ୍ତି। ଖଲ୍ଲିକୋଟ କଲେଜ ଖେଳପଡିଆ ସମ୍ମୁଖରେ ପ୍ରାୟ ୫ଟି ଏଭଳି ଠେଲାଗାଡି ଲାଗୁଛି। କମାପଲ୍ଲୀ ଓ ମେଡିକାଲ ଖେଳପଡିଆ ନିକଟରେ ବି ଏହି ଗାଡି ରହିଛି। ଲୋକେ ବ୍ୟାୟାମ କରି ଆସିବା ପରେ ସେଠାରେ ଭିଡ ଜମାଉଛନ୍ତି।



ଖଲ୍ଲିକୋଟ ଖେଳପଡିଆ ନିକଟରେ ପଡିଥିବା ଜୁସ ଷ୍ଟଲ।

ଖଲ୍ଲିକୋଟ କଲେଜ ଖେଳପଡିଆ ସମ୍ମୁଖରେ ପ୍ରାୟ ୭ ବର୍ଷ ହେଲା ଠେଲା ପକାଉଥିବା ଅନୀଲ ବେହେରା ପୁଷ୍ଟିକର ଖାଦ୍ୟ ବିକ୍ରିକୁ ଅଧିକ ଗୁରୁତ୍ୱ ଦିଏ ବୋଲି କହିଛନ୍ତି। ସେ ଅଣ୍ଡାଶିଝା, ଗଜାମୁଗ, ସୋଲା ଶିଝା, ମାଣ୍ଡିଆ, ଦହି ସହିତ କଦଳୀ, ସପୁରୀ, ସେଓ ଆଦିର ଜୁସ୍ ବିକ୍ରି କରୁଛନ୍ତି। ଏଭଳି ବ୍ୟବସାୟକୁ କାହିଁକି ଆଗ୍ରହ କଲେ ପଚାରିବାରୁ ନିଜେ ବଞ୍ଚିବା ସହିତ ଲୋକଙ୍କ ଭଲ ସ୍ୱାସ୍ଥ୍ୟ ଯୋଗାଇଦେବା ଲକ୍ଷ୍ୟ ଥିଲା ବୋଲି କହିଛନ୍ତି। ତାଙ୍କର ଜଣେ ଗ୍ରାହକ ନୀଳମାଧବ ସାହୁ କହିଛନ୍ତି ଯେ, ସେ ପ୍ରତିଦିନ ଗଜାମୁଗ ଖାଆନ୍ତି। ଏହାକୁ ଖାଇବା ଦ୍ୱାରା ଶରୀରକୁ ପ୍ରୋଟିନ ମିଳେ। ସେହିପରି ବଡବଜାର ଅଞ୍ଚଳର ଶୀତଳ ସାହୁ କହିଛନ୍ତି, ବିଭିନ୍ନ ରୋଗରୁ ନିସ୍ତାର ପାଇଁ ଏଠାରେ ପ୍ରତ୍ୟେହ ପ୍ରୋଟିନ ଯୁକ୍ତ ଖାଦ୍ୟ ଖାଏ। ସେହିପରି କମାପଲ୍ଲୀ କୋର୍ଟଛକରେ ଶ୍ରୀହରି ବେହେରା ପ୍ରାୟ ୨ବର୍ଷ ହେଲା ଠେଲାରେ ବିଭିନ୍ନ ଆୟୁର୍ବେଦିକ ରସ ବିକ୍ରି କରନ୍ତି। ଦହି ମାଣ୍ଡିଆ, ଭୁସି ମିଶିରି, ଡାଇବେଟିସ ଚର୍ମରୋଗ ପାଇଁ ଭୃଇଁଲିମ, କଲରା, କଞ୍ଚାହଳଦୀ, ହେମୋଗ୍ଲୋବିନ ଓ ଚର୍ମରୋଗରୁ ଉପଶମ ପାଇଁ ଗାଜର, ବିଟ ରସ, ଅଁଳା ଜୁସ, ଡାଇବେଟିସ, ମୋଟାପଣ, ରକ୍ତଚାପ ପାଇଁ ଜୁଆଣି ଜିରା ମିକ୍ସର ପାଣି, ମୋଟାପଣ କମାଇବା ପାଇଁ ପାନମହୁରୀ ପାଣି, ମେଥି ଜୁସ, ଲିଭର ରୋଗରୁ ଉପଶମ ପାଇଁ ଲାଉ ଜୁସ, ତୁଳସୀପତ୍ର ଜୁସ, ଡାଇବେଟିସ ଓ ଗ୍ୟାଷ୍ଟ୍ରିକ ପାଇଁ ବେଲପତ୍ର ଜୁସ, ପୁଦିନା ଜୁସ, ଅର୍ଜୁନ ଛାଲି ଡାଲଚିନି ମିକ୍ସ ଜୁସ, ଛତୁଆ ଜୁସ, ଗିଲୟ ଜୁସ, ଘିକୁଆଁରୀ, ଅଙ୍ଗୁର ଜୁସ ଆଦି ତାଙ୍କ ଠେଲାଗାଡିରେ ଥାଏ। ଏଭଳି ନିଆରା ଦୋକାନ ସମ୍ପର୍କରେ ତାଙ୍କୁ ପଚାରିବାରୁ ସେ କହିଲେ, ଲୋକେ ଭଲ ସ୍ୱାସ୍ଥ୍ୟ ପାଇଁ ଆତୁର ହୋଇପଡିଛନ୍ତି। ଏହି ସାମଗ୍ରୀ କୌଣସି ଔଷଧ ଦୋକାନରେ ମିଳିବନି। ତେଣୁ ଏଥିପ୍ରତି ଆଗ୍ରହ ହେଲା ବୋଲି କହିଥିଲେ। ସେଠାରେ ପ୍ରତ୍ୟହ ସକାଳୁ କଲରା ଓ ବେଲପତ୍ର ଜୁସ ପିଉଥିବା ଗୋଷାଣୀନୂଆଗାଁର ବସନ୍ତ କୁମାର ସାହୁଙ୍କୁ ପଚାରିବାରୁ ସେ କହଛନ୍ତି, ଏସବୁ ପିଇବା ଦ୍ୱାରା ଡାଇବେଟିସ ନିୟନ୍ତ୍ରଣ ହୋଇଛି। ସେହିପରି ଗଜପତି ନଗରର ସୁରେନ୍ଦ୍ର କୁମାର ସାହୁ ମର୍ନିଂୱାକ ସାରି ସବୁଦିନ ପାନମହୁରୀ ପାଣି ଓ ମେଥି ଜୁସ ପିଇବା ଦ୍ୱାରା ମୋଟାପଣ କମିଛି ବୋଲି କହିଛନ୍ତି। ଏଥିସହିତ କଲରା ଜୁସ ଓ ମାଣ୍ଡିଆ ଜୁସ ମଧ୍ୟ କେବେ କେବେ ପିଏ ବୋଲି ସେ କହିଛନ୍ତି। ବ୍ରହ୍ମପୁରରେ ଏଭଳି ଜୁସର ପସରା ନିଶ୍ଚିତ ଭାବେ ନିଆରା। ଏହାର ପ୍ରକୃତ ବ୍ୟବହାର କରିବାକୁ ଯୁବପିଢ଼ିଙ୍କୁ ସେ ପରାମର୍ଶ ଦେଇଛନ୍ତି।

## ମନ୍ଦିର, ଘରୁ ଚୋରି

ବ୍ରହ୍ମପୁର,୨୨।୩
(ସୁବାସ ଚନ୍ଦ୍ର ପାଢ଼ୀ)

ନିମଖଣ୍ଡି ଥାନା ଅଞ୍ଚଳରେ ପୃଥକ ଦୁଇଟି ସ୍ଥାନରୁ ଚୋରି ହୋଇଛି। ମନ୍ଦିର ଓ ଘରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଚଣ୍ଡୀପଦର କପିଳେଶ୍ୱର ମନ୍ଦିରର ତାଲା ଭାଙ୍ଗି ଚୋରମାନେ ପାଣି ମୋଟର, ୨ଟି ହୁଣ୍ଡି, ୪ଟି ଘଣ୍ଟ ଓ ଅନ୍ୟାନ୍ୟ ସାମଗ୍ରୀ ନେଇଯାଇଛନ୍ତି। ଏ ନେଇ ମନ୍ଦିର କମିଟି ଉପସଭାପତି ଭକ୍ତ ଚରଣ ସ୍ୱାଇଁ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୯୨/୨୪ରେ ମାମଲା ରୁଜୁ କରିଛି। ସେହିପରି ଗୁରୁବାର ବିଳମ୍ବିତ ରାତ୍ରରେ ଲୋଚାପଡା ସାଇ ବିହାରରେ ରହୁଥିବା ପ୍ରକାଶ ଚନ୍ଦ୍ର ଡାକୁଆଙ୍କ ଘରୁ ଚୋରି ହୋଇଛି। ଗୃହକର୍ତ୍ତା ନିଜ ପରିବାର ସହ ୪/୫ ଦିନ ପୂର୍ବରୁ ତୀର୍ଥ ପାଇଁ ବାହାରକୁ ଯାଇଥିବା ବେଳେ ଚୋରମାନେ ଘରେ ତାଲା ଭାଙ୍ଗି ଆସବାବ ପତ୍ର ଚୋରାଇ ନେଇଛନ୍ତି। ଶୁକ୍ରବାର ସକାଳେ ଏହା ଦେଖି ପ୍ରକାଶ ଥାନାରେ ଅଭିଯୋଗ କରିଥିଲେ। ଘରୁ ଇନଭର୍ଟର ବ୍ୟାଟେରୀ ଓ ଦୁଇଟି ଗ୍ୟାସ ସିଲିଣ୍ଡର ଚୋରି ହୋଇଛି।

**ସଂକ୍ଷେପରେ**

## ଦୁର୍ଘଟଣାରେ ଆହତଙ୍କ ମୃତ୍ୟୁ

ବ୍ରହ୍ମପୁର,୨୨।୩(ସୁବାସ ଚନ୍ଦ୍ର ପାଢ଼ୀ)– ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କ ଏମକେସିଜି ମେଡିକାଲରେ ମୃତ୍ୟୁ ଘଟିଛି। ସେ ହେଲେ ଗୋଳନ୍ଥରା ଥାନା କେଲୁଆପଲିର ଲୋକନାଥ ନାୟକ(୫୮)। ଲୋକନାଥ ବ୍ରହ୍ମପୁରରୁ ଅପରାହ୍ନରେ ନିଜ ଗାଡ଼ିରେ ଫେରୁଥିବା ବେଳେ ଜ୍ୟୋତିନଗର ନିକଟରେ କୌଣସି ଏକ ଗାଡି ଧକ୍କା ଦେଇ ଚାଲିଯାଇଥିଲା। ଫଳରେ ସେ ତଳେ ଛିଟିକି ହୋଇ ପଡିଯାଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲ ପଠାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଲୋକନାଥଙ୍କ ମୃତ୍ୟୁ ହୋଇଛି। ଏ ନେଇ ତାଙ୍କ ପୁଅ ଭଗବାନଙ୍କ ଅଭିଯୋଗକ୍ରମେ ଟ୍ରାଫିକ ପୋଲିସ ନଂ.୧୮୮/୨୪ ରେ ଏକ ମାମଲା ରୁଜୁ କରିଛି।

## ୫.୬ଲକ୍ଷ ଲୁଟ ଘଟଣା ପୋଲିସ ହାତ ଖାଲି

ବ୍ରହ୍ମପୁର, ୨୨।୩(ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଜୟପ୍ରକାଶ ନଗର ଛକରୁ ଗତ ୨୦ ତାରିଖ ଦିନ ଦ୍ୱିପହରରେ ବ୍ୟାଙ୍କ ସମ୍ମୁଖରେ ଥିବା ବାଇକ୍ ଡିକିରୁ ୫.୬ଲକ୍ଷ ଟଙ୍କା ଲୁଟ ହୋଇଥିଲା। ସିସିଟିଭି ଫୁଟେଜରେ ଲୁଟେରାଙ୍କ ଫୋଟ ଦେଖାଯାଇଥିଲା। ଘଟଣାର ଦୁଇ ଦିନ ପରେ ବି ପୋଲିସକୁ ସଫଳତା ମିଳିପାରିନାହିଁ। ସନ୍ଦେହରେ କେତେଜଣ ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା କରାଯାଉଛି। ପୋଲିସ ଏହି ଘଟଣା ସମ୍ପର୍କରେ କୌଣସି ସନ୍ତୋଷଜନକ ଉତ୍ତର ଦେଉନାହିଁ। ଗୋଳନ୍ଥରା ଥାନା ସୁନାଦେଇ ଗ୍ରାମର ପ୍ଲଟ ବ୍ୟବସାୟୀ କୃଷ୍ଣ ମହାରଣାଙ୍କଠାରୁ ଶାସନପଦର ଗ୍ରାମର ସନ୍ତୋଷ କୁମାର ନାୟକ ଏକ ଜମି କିଣିଥିଲେ। ସେ ଜମି ବାବଦ ୫ଲକ୍ଷ ୬୦ ହଜାର ଟଙ୍କା ଗତ ବୁଧବାର ଜୟପ୍ରକାଶ ନଗର ଛକରେ ଥିବା ଆକ୍ସିସି ବ୍ୟାଙ୍କରୁ ଉଠାଇ କୃଷ୍ଣଙ୍କୁ ଦେଇଥିଲେ। ସନ୍ତୋଷଙ୍କ ବନ୍ଧୁ ସ୍ୱରୂପ କୁମାର ନାୟକ ସେଠାରେ ଉପସ୍ଥିତ ଥିଲେ। କୃଷ୍ଣ ଉକ୍ତ ଟଙ୍କା ଏକ ଜରି ବ୍ୟାଗରେ ଭର୍ତ୍ତି କରି ବ୍ୟାଙ୍କ ସମ୍ମୁଖରେ ଥିବା ନିଜ ବାଇକ୍ ଡିକିରେ ରଖିଥିଲେ। ପରେ ସେମାନେ ଚା' ପିଇବାକୁ ଯାଇଥିଲେ। କିଛି ସମୟ ପରେ କୃଷ୍ଣ ଆସି ଦେଖିବା ବେଳେ ଡିକି ଖୋଲାଥିଲା ଓ ସେଥିରେ ଥିବା ଟଙ୍କା ବ୍ୟାଗଟି ଗାଏବ ହୋଇଯାଇଥିଲା। ପରେ ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସେଠାରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା। ଲୁଟେରା ଜଣଙ୍କ ଟଙ୍କା ନେଇ ତାଙ୍କ ସହଯୋଗୀଙ୍କ ବାଇକରେ ବସି ଚମ୍ପଟ ମାରୁଥିବା ସିସିଟିଭି ଫୁଟେଜରେ ଦେଖାଯାଇଥିଲା।

## ବିଏମ୍‌ସି ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ

ବ୍ରହ୍ମପୁର,୨୨।୩(ସ୍ମୃତି ରଞ୍ଜନ ମହାଳିକ)– ବ୍ରହ୍ମପୁର ମହାନଗର ନିଗମ (ବିଏମସି) ଅବସରପ୍ରାପ୍ତ କର୍ମଚାରୀ ସଂଘର ମାସିକ ସାଧାରଣ ବୈଠକ ଶୁକ୍ରବାର ସିଟି ହାଇସ୍କୁଲ ରୋଡ ସ୍ଥିତ ମାନସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘର ସଭାପତି ଚିନାରୀ ଶ୍ୟାମ ମୂର୍ତ୍ତି ଅଧ୍ୟକ୍ଷତା କରିଥିଲେ। ସାଧାରଣ ସଂପାଦକ ଲକ୍ଷ୍ମୀ ଚରଣ ପାଢୀ ଗତ ମାସର ସଂଘର ଆୟବ୍ୟୟ ବିବରଣୀ ପାଠ କରିଥିଲେ। ଏଥିସହ ସଂଘ ପକ୍ଷରୁ ଆଗାମୀ ଦିନରେ ହେବାକୁଥିବା ବିଭିନ୍ନ କାର୍ଯ୍ୟପନ୍ଥା ସଂପର୍କରେ ଆଲୋଚନା ହୋଇଥିଲା। ସଂଘର କାର୍ଯ୍ୟକାରୀ ସଭାପତି ମୁକୁନ୍ଦ ମହାପାତ୍ର, ଉପସଭାପତି ନୀଳାମ୍ବର ସାହୁ, କୋଷାଧ୍ୟକ୍ଷ ରବୀନ୍ଦ୍ର କୁମାର ପଣ୍ଡାଙ୍କ ସମେତ ସଂଘର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଯୋଗରେ ଭାଗନେଲେ ୧୦୦୦ ଛାତ୍ରୀଛାତ୍ର

ବ୍ରହ୍ମପୁର,୨୨।୩(ସ୍ମୃତି ରଞ୍ଜନ ମହାଳିକ)

ମୋରାରଜି ଦେଶାଇ ରାଷ୍ଟ୍ରୀୟ ଯୋଗ ସଂସ୍ଥାନ, ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ବିଶ୍ୱ ଯୋଗ ଦିବସ ପାଇଁ ଏବେଠୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଯୋଗ ଦିବସ-୨୦୨୪ ପାଳନ ପରିପ୍ରେକ୍ଷୀରେ ୧୦୦ ଦିନିଆ ଯୋଗର ମୂଲ୍ୟବୋଧ ଉପରେ ଆଲୋକପାତ କରିବା ନିମନ୍ତେ ଭାରତର ବିଭିନ୍ନ ପ୍ରାନ୍ତରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏହି ଅବସରରେ ମହାନ ସଂଘ ପକ୍ଷରୁ ଶୁକ୍ରବାର ନୀଳକଣ୍ଠନଗର ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିରଠାରେ ଶୁକ୍ରବାର ଯୋଗ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ସ୍କୁଲର ୧ ହଜାର ଛାତ୍ରୀଛାତ୍ର ଭାଗ ନେଇଥିଲେ। ସଂଘର ପ୍ରତିଷ୍ଠାତା ସୁଶାନ୍ତ କୁମାର ସାବତ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଯୋଗ ହିଁ ଜୀବନ, ଯୋଗ ଅଭ୍ୟାସ ଦ୍ୱାରା ମନ ଓ ଶରୀର ସୁସ୍ଥ ରହେ। ରୋଗମୁକ୍ତ ଜୀବନ ଅତିବାହିତ କରିବା ଯୋଗାଭ୍ୟାସର ଉଦ୍ଦେଶ୍ୟ ବୋଲି ସାବତ କହିଥିଲେ। ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ଜୟନ୍ତ ମହାପାତ୍ର ଯୋଗ ଦେଇ ଯୋଗର ଇତିହାସ ଓ ଉପକାରିତା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ରୂପେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଦକ୍ଷିଣାଞ୍ଚଳ ଉପସଚିବ ଡ କୁଳମଣି ଓଝା ଯୋଗ ଦ୍ୱାରା ସ୍ମରଣ ଶକ୍ତି ବୃଦ୍ଧି ସହ ବିଭିନ୍ନ ଉପକାରିତା ଉପରେ ସୂଚନା ଦେଇଥିଲେ। ବିଦ୍ୟା ମନ୍ଦିର ଅଧ୍ୟକ୍ଷ ସୁବ୍ରତ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟା ମନ୍ଦିରର ଡିନ ଡ ବିବେକାନନ୍ଦ ପଣ୍ଡା, ଡ. ବି. ରାଜେନ୍ଦ୍ର ମୂର୍ତ୍ତି, ବିଦ୍ୟା ମନ୍ଦିର ସହ ସଂପାଦକ ନୀଳକଣ୍ଠ ସାହୁ, ଉପଦେଷ୍ଟା ରାଜେନ୍ଦ୍ର କୁମାର ଡାକୁଆ, ବିଦ୍ୟାମନ୍ଦିର ଅଧ୍ୟକ୍ଷ ଏସ. ମୋହନ ରାଓ, ଉପାଧ୍ୟକ୍ଷ ଡ. ଚିତ୍ତ ରଞ୍ଜନ ପଣ୍ଡା, ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଯୋଗାଚାର୍ଯ୍ୟ ବିଜୟ ଭାସ୍କର, ପି. ରାମ ରାଓ, ଟି. ଅନୀଲ କୁମାର, ନୀଲାକ୍ଷିଶି ବୈରାଗିନି ଓ ଯୋଗଧାମର ବହୁ ସଦସ୍ୟ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଯୋଗ ତାଲିମ ଦେଇଥିଲେ। ସଂଘର ସାଂସ୍କୃତିକ ସଂପାଦିକା ରାମେଶ୍ୱରୀ ନନ୍ଦ ଧନ୍ୟବାଦ ଦେଇଥିଲେ। ସୀମାଞ୍ଚଳ ପାଣିଗ୍ରାହୀ, ଭୀଷ୍ମାଚାର୍ଯ୍ୟ ଚୌଧୁରୀ, ମନୋରଞ୍ଜନ ପାଢି ଓ ହରିକୃଷ୍ଣ ସାହୁଙ୍କ ସମେତ ସଂଘର ବହୁ ସଦସ୍ୟ ସହଯୋଗ କରିଥିଲେ।


ଯୋଗରେ ଭାଗ ନେଇଥିବା ଛାତ୍ରୀଛାତ୍ର।

# ସାଇକେଲ ଶୋଭାଯାତ୍ରାରେ ଜଳ ସଂରକ୍ଷଣ ବାର୍ତ୍ତା



ସଂଘ ପକ୍ଷରୁ ସାଇକେଲ ଶୋଭାଯାତ୍ରା।

ବ୍ରହ୍ମପୁର,୨୨।୩(ସ୍ମୃତି ରଞ୍ଜନ ମହାଳିକ)

ବିଶ୍ୱ ଜଳ ଦିବସ ଅବସରରେ ବ୍ରହ୍ମପୁର ସବୁଜ ବାହିନୀ ସାଇକେଲ ଶୋଭାଯାତ୍ରା କରି ଜଳ ସଂରକ୍ଷଣର ବାର୍ତ୍ତା ଦେଇଛି। ଶୋଭାଯାତ୍ରା ହରିଡାଖଣ୍ଡି ଛକଠାରୁ ଆରମ୍ଭ ହୋଇ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳ ପଡିଆଠାରେ ପହଞ୍ଚିଥିଲା। ସଂଘ ପକ୍ଷରୁ ବିଏମସି ଅତିରିକ୍ତ କମିଶନର ବିକ୍ରମ ସୁନ୍ଧି ଓ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସୋନି ଖୋଖରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସଂଘ ପକ୍ଷରୁ କୁହାଯାଇଛି ଯେ, ସହରରେ ବର୍ତ୍ତମାନ ବିଭିନ୍ନ ପୋଖରୀର ପୁନରୁଦ୍ଧାର ପାଇଁ ଜଳ ନିଷ୍କାସନ ଚାଲିଛି। ଏହାଦ୍ୱାରା ଗ୍ରୀଷ୍ମ ଆରମ୍ଭରୁ ଜଳ ସମସ୍ୟା ଦେଖାଦେବ। ଆଗକୁ ଦଣ୍ଡନାଚର ଦଣ୍ଡୁଆଙ୍କ ନିମନ୍ତେ ସମସ୍ୟା ପାଲଟିବ। ଏଥିସହ ବ୍ରହ୍ମପୁର ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ରହିଥିବା କଚେରୀ ପୋଖରୀକୁ ପୋତି ସେଠାରେ ବେଆଇନ କୋଠା ନିର୍ମାଣ କରାଯାଉଛି ବୋଲି ସଂଘ ଅଭିଯୋଗ କରିଥିଲା। ତେବେ ବନଖଣ୍ଡ ଅଧିକାରୀ ଜଳାଶୟର ପୁନରୁଦ୍ଧାର କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ସଂଘ କହିଛି। ଜଳାଶୟ ପୋତି କୋଠା ନିର୍ମାଣ, ରାସ୍ତାଘାଟ ସଂପୂର୍ଣ୍ଣ କଂକ୍ରିଟ କରଣ, ପରିବେଶକୁ ଗୁରୁତ୍ୱ ନ ଦେଇ ଗଛ କାଟି ସହରୀକରଣ କରିବା ଦ୍ୱାରା ବେଙ୍ଗାଲୁରୁ ଭଳି ଜଳସଂକଟ ଦେଖାଦେଇଛି। ବ୍ରହ୍ମପୁର ସହରକୁ ଏହି ସମସ୍ୟାରୁ ରକ୍ଷା ପାଇଁ ଆଗାମୀ ଦିନରେ ସଂଘ ପକ୍ଷରୁ ଜଳ ବଞ୍ଚାଅ ଅଭିଯାନ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯିବ। ଏଥିସହ ଜଳ ସମସ୍ୟା ବିଷୟରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବ ବୋଲ ସଂଘର ସଭାପତି ଶିବରାମ ପାଣିଗ୍ରାହୀ କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଉପସଭାପତି ଏମ. ଦିଲୀପ କୁମାର, ସଂପାଦକ ଏ. ପ୍ରକାଶ, ସହ ସଂପାଦକ ପି. ବିନୋଦଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଗଞ୍ଜାମ ଜିଲା ଯୁବ କଂଗ୍ରେସର ବିକ୍ଷୋଭ

## ଜାତୀୟ କଂଗ୍ରେସର ବ୍ୟାଙ୍କ ଆକାଉଣ୍ଟ ଅଚଳର ପ୍ରତିବାଦ

ବ୍ରହ୍ମପୁର,୨୨।୩(ନରସିଂହ ସାହୁ)

ଗଞ୍ଜାମ ଜିଲା ଯୁବ କଂଗ୍ରେସ ପକ୍ଷରୁ ଶୁକ୍ରବାର ବ୍ରହ୍ମପୁର ବାପୁଜୀ ଆଶ୍ରମ ଛକରେ ବିକ୍ଷୋଭ ପ୍ରଦର୍ଶନ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଜାତୀୟ କଂଗ୍ରେସର ବ୍ୟାଙ୍କ ଆକାଉଣ୍ଟକୁ ଏନ୍‌ଡିଏ ସରକାର ଅଚଳ କରି ଦେଇଥିବା ପ୍ରତିବାଦରେ ଏହି ଆନ୍ଦୋଳନ ହୋଇଥିଲା। ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସର ଆର୍ଥିକ ସ୍ଥିତିକୁ ଦୁର୍ବଳ କରିଦେବା ଷଡ଼ଯନ୍ତ୍ରରେ ଏଭଳି ପଦକ୍ଷେପ ନିଆଯାଇଥିବା ସମାଲୋଚନା କରାଯାଇଥିଲା। ଜିଲା ସଭାପତି ବିକାଶ ନାୟକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ଆନ୍ଦୋଳନ ସ୍ଥଳରେ ଯୁବ କଂଗ୍ରେସ ନେତାମାନେ କହିଥିଲେ ମୋଦୀ ସରକାର ବିରୋଧରେ ପ୍ରବଳ ଜନ ମତ ସୃଷ୍ଟି ହୋଇଛି। ବିକଳ୍ପ ଭାବେ କଂଗ୍ରେସ ନେତୃତ୍ୱାଧିନ ଇଣ୍ଡିଆ ମେଣ୍ଟକୁ ଜନ ସମର୍ଥନ ବଢ଼ିବାରେ ଲାଗିଛି। ଫଳରେ ଏନଡିଏ ସରକାର ଆତଙ୍କିତ ହୋଇଯାଇଛି। ତେଣୁ ଜାତୀୟ କଂଗ୍ରେସର ସବୁ ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରି ଅଗଣତାନ୍ତ୍ରିକ ପଦକ୍ଷେପ ନିଆଯାଇଛି। ତୁରନ୍ତ ସଚଳ କରିବାକୁ ଦାବି କରାଯାଇଛି। ନଚେତ୍ ଜିଲା ବ୍ୟାପି ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଚିନ୍ମୟ ହୋତା, ଜିଲା ଉପସଭାନେତ୍ରୀ ସୁପ୍ରଭା ଦାସ, ବ୍ରହ୍ମପୁର ବିଧାନସଭା କ୍ଷେତ୍ର ଯୁବ କଂଗ୍ରେସ ସଭାପତି ତତ୍‌ସତ୍ ସୁବୁଦ୍ଧିଙ୍କ ସମେତ ସିଦ୍ଧାନ୍ତ ସାହୁ, ଆତିସ ଦଳେଇ, ରାକେଶ ରାଉତ, ନରେଶ ଘଡ଼େଇ, ସିଦ୍ଧାର୍ଥ ଗୌଡ଼ ଓ ଅନ୍ୟମାନେ ଯୋଗ ଦେଇଥିଲେ।


ବିକ୍ଷୋଭରେ ସାମିଲ ହୋଇଥିବା ନେତା ଓ କର୍ମୀ।

## ବଟି ପାଇଁ ଧମକ, ଅଭିଯୁକ୍ତ ଗିରଫ

ଆସିକା,୨୨।୩(ସୁରେନ୍ଦ୍ର ନାଥ ସାହୁ)

ଆସିକା ଥାନା ଅନ୍ତର୍ଗତ ବରଗାଁ ଗ୍ରାମ ଉପକଣ୍ଠର ନରସିଂହପଲ୍ଲୀ ବାଲିଘାଟର ଲିଜଧାରୀଙ୍କୁ ବଟି ପାଇଁ ଧମକ ଦେବା ଅଭିଯୋଗରେ ଅଭିଯୁକ୍ତଙ୍କୁ ପୋଲିସ ଗୁରୁବାର ଗିରଫ କରିଛି । ସେ ହେଲେ ବରଗାଁ ଗ୍ରାମର ମହେଶ କୁମାର ନାୟକ ଓରଫ ଗୋଧୁଆ । ତାଙ୍କ ନିକଟରୁ ପୋଲିସ ଗୋଟିଏ ଖଣ୍ଡା ଓ ଗୋଟିଏ ମୋବାଇଲ ଫୋନ ଜବତ କରିଛି । ଏ ନେଇ ନଂ.୨୨୬/୨୪ରେ ମାମଲା ରୁଜୁ କରାଯାଇ ମହେଶଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ କହିଛନ୍ତି। ଅଭିଯୋଗରୁ ପ୍ରକାଶ, ନରସିଂହପଲ୍ଲୀ ବାଲିଘାଟର ଲିଜଧାରୀ ନିଗମାନନ୍ଦ ମହାନ୍ତିଙ୍କୁ ମହେଶ ଗତ ୪ମାସ ହେଲା ଏକ ଲକ୍ଷ ଟଙ୍କା ଦାଦାବଟି ମାଗୁଥିଲେ। ବୁଧବାର ସନ୍ଧ୍ୟାରେ ସେ ବାଲିଘାଟକୁ ଆସି ଲିଜଧାରୀଙ୍କୁ ଖୋଜିଥିଲେ। ଦେଖା ନ ହେବାରୁ ତାଙ୍କୁ ଫୋନରେ ଧମକ ଦେଇଥିବା ନିଗମାନନ୍ଦ ଆସିକା ପୋଲିସରେ ଅଭିଯୋଗ କରିଥିଲେ।

# ବିଶ୍ୱ କବିତା ଦିବସ ପାଳିତ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର,୨୨।୩(ତନୁଶ୍ରୀ ନାହାକ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ ପକ୍ଷରୁ ବିଶ୍ୱ କବିତା ଦିବସ ପାଳିତ ହୋଇଯାଇଛି। ଏଥିରେ ବିଭାଗର ବରିଷ୍ଠ ପ୍ରଫେସର ଡ଼.ସଦାନନ୍ଦ ନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଡ଼.କୈଳାଶ ଚନ୍ଦ୍ର ତ୍ରିପାଠୀ ଯୋଗ ଦେଇଥିଲେ। ବିଭାଗର ଡ.ସମୀର ଭୋଇ, ଡ.ଜିତେନ୍ଦ୍ର ମହାନ୍ତି ମଞ୍ଚାସୀନ ଥିଲେ। କବିତା ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଅଭିହିତ କରିବା ଓ ପାଠକଙ୍କୁ ଆକର୍ଷିତ କରାଇବା ସମ୍ପର୍କରେ ମୁଖ୍ୟ ଅତିଥି ଆଲୋକପାତ କରିଥିଲେ। ଡ.ତ୍ରିପାଠୀ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଓଡ଼ିଶା ସାହିତ୍ୟର ବହୁ କବି ତାଙ୍କ ରଚିତ କବିତା ସମ୍ପର୍କରେ ଉଦାହରଣ ମାଧ୍ୟରେ ବୁଝାଇଥିଲେ।

# ବ୍ରହ୍ମପୁରରେ ଗୋପାଳପୁର ବିଜେଡି କର୍ମୀ ସମାବେଶ



ବ୍ରହ୍ମପୁର,୨୨।୩(ନରସିଂହ ସାହୁ)

**ମନୋନୀତ ହେଲେ ୨୦୬ ବୁଥ୍ ଏଜେଣ୍ଟ**

ବ୍ରହ୍ମପୁର ଗଜପତି ନଗରରେ ଶୁକ୍ରବାର ସନ୍ଧ୍ୟାରେ ଗୋପାଳପୁର ନିର୍ବାଚନ ମଣ୍ଡଳୀ ବିଜେଡିର ବୁଥସ୍ତରୀୟ ଏଜେଣ୍ଟ ନିଯୁକ୍ତି ହୋଇଛି। ଏହି ବିଧାନସଭା କ୍ଷେତ୍ରରେ ୩୭ ପଞ୍ଚାୟତ, ଗୋପାଳପୁର ଏନଏସି ଏବଂ ମହାନଗରର ୬ଟି ୱାର୍ଡ ରହିଛି। ନିର୍ବାଚନ ପାଇଁ ୨୦୬ ବୁଥ ସରକାର ଗଠନ କରିଛନ୍ତି। ତେଣୁ ସମସ୍ତ ବୁଥ୍ ନିମନ୍ତେ ଏଜେଣ୍ଟ ନିଯୁକ୍ତ ଲାଗି ଫର୍ମ ପୂରଣ କରାଯାଇଥିଲା। ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏମପି ଚନ୍ଦ୍ରଶେଖର ସାହୁ, ଜିଲା ସଭାପତି ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ବିବେକ ରେଡ଼ି, କାଜୁ ଉନ୍ନୟନ ନିଗମ ଅଧ୍ୟକ୍ଷ ସୁବାସ ମହାରଣା, ଜିଲା ସଂଗଠନର କର୍ମକର୍ତ୍ତା, ମହାନଗର ବିଜେଡି ସଂଗଠନର କାର୍ଯ୍ୟକର୍ତ୍ତା, ମହିଳା ସଂଗଠନର ସଭାନେତ୍ରୀ, ସବୁ ପଞ୍ଚାୟତର ଜନପ୍ରତିନିଧିଙ୍କ ସମେତ ସହସ୍ରାଧିକ କର୍ମୀ ଯୋଗ ଦେଇଥିଲେ।

ସାଧାରଣ ନିର୍ବାଚନରେ ବିଜେଡିକୁ ଆହୁରି ଅଧିକ ସୁଦୃଢ଼ ପାଇଁ ଏମ୍‌ପି ଓ ବିଧାୟକ ପରାମର୍ଶ ଦେଇଥିଲେ। ଯୁବ ବିଜେଡି ସଭାପତି ଅଜିତ ପଣ୍ଡା, ମଦନ ଦଳେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅବସରପ୍ରାପ୍ତ କର୍ମଚାରୀ ମହାସଂଘର କାର୍ଯ୍ୟକାରିଣୀ ବୈଠକ

ବ୍ରହ୍ମପୁର,୨୨।୩(ସ୍ମୃତି ରଞ୍ଜନ ମହାଳିକ)

ଓଡିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ, ଗଞ୍ଜାମ ଜିଲା ଶାଖାର କାର୍ଯ୍ୟକାରିଣୀ ବୈଠକ ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲରେ ଶୁକ୍ରବାର ଅନୁଷ୍ଠିତ ହୋଇଛି। ସଭାପତି ଡି.ମୋହନ ରାଓ ଏଥିରେ ଅଧ୍ୟକ୍ଷତା କରି ରାଜ୍ୟର ପେନସନରମାନଙ୍କ ନ୍ୟାଯ୍ୟ ଦାବି ପୂରଣକୁ ସରକାର ଗୁରୁତ୍ୱ ଦେଉନାହାନ୍ତି ବୋଲି କହିଥିଲେ। ତେଣୁ ଆସନ୍ତା ୩୧ ତାରିଖରେ ମହାସଂଘର ୩ୟ ବାର୍ଷିକ ଅଧିବେଶନ ହେବ। ଏଥିରେ ୩୦୦ ସଭ୍ୟ ଯୋଗ ଦେବା ଯୋଜନା ରହିଛି। ସମସ୍ତ ସଭ୍ୟଙ୍କ ମତ ଅନୁସାରେ ନିଜ ଅଞ୍ଚଳରେ ଥିବା ପ୍ରତ୍ୟେକ ପେନସନରଙ୍କ ସହ ମିଶି ପ୍ରଚାରପତ୍ର ପ୍ରଦାନ କରାଯିବ। ନୂତନ ସଭ୍ୟ ସଂଗ୍ରହ କରାଯିବା ସହ ପୁରାତନ ସଭ୍ୟାସଭ୍ୟଙ୍କ ସହ ଯୋଗଯୋଗ ରଖି କାର୍ଯ୍ୟକ୍ରମରେ ଯୋଗଦେବାକୁ ସ୍ଥିର ହୋଇଥିଲା। ଏଥିପାଇଁ ଅଭ୍ୟର୍ଥନା କମିଟି , ଖାଦ୍ୟ କମିଟି, ପରିଚାଳନା କମିଟି ଗଠନ କରିବାକୁ ନିଷ୍ପତ୍ତି ହୋଇଥିଲା। ଉପସଭାପତି ସହସ୍ର ନାମ ପାଠୀ, ସମ୍ପାଦକ ନୀଳାଞ୍ଚଳ ମିଶ୍ର, କୋଷଧକ୍ଷ ନିରାକାର ସାବତ, ପୂର୍ବତନ ସଭାପତି କେ.ନନ୍ଦେଷୁ ସେନାପତି, ଡି.ଗୁରୁମୂର୍ତ୍ତି ପାତ୍ର, ଏଚ. ଡୁମ୍ବେଶ୍ୱର ରେଡ୍ଡୀ, ରାମାନନ୍ଦ ଚୌଧୁରୀ, ବିଜୟ କୁମାର ପଣ୍ଡା, ରାଧା କୃଷ୍ଣ ପଣ୍ଡା, ନଗିନ ଚଂଦ୍ର ପଟ୍ଟନାୟକ, କୈଳାଶ ଚନ୍ଦ୍ର ସାହୁ, ସନ୍ତୋଷ କୁମାର ସାହୁ, ଶ୍ରୀକାନ୍ତ ମିଶ୍ର , ଦେବରାଜ କୋଠିଆ, ବିଜୟ ଚନ୍ଦ୍ର ଚୌଧୁରୀ, ପଞ୍ଚାନନ ଜେନା, ବାଉରୀ ବନ୍ଧୁ ମାଝି, ଉଦ୍ୟନାଥ ଚୌଧୁରୀ, କେଶବ ଚନ୍ଦ୍ର ଗୌଡ଼, ଏସ.ତ୍ରିନାଥ ଆଚାରି, ଏମ. ନରସିଂହା,ବସନ୍ତ କୁମାର ପାତ୍ର ପ୍ରମୁଖ ଯୋଗଦେଇ ନିଜ ମତ ରଖିଥିଲେ। ଏମ. ନରସିଂହ ଧନ୍ୟବାଦ ଦେଇଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ସଭ୍ୟମାନେ ।

